ODM EDUCATIONAL GROUP
Changing your Tomorrow

# ପାଠ-୧୫-ଗଳ୍ପ : ବୁଢା ଶଙ୍ଖାରି

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

## ଶ୍ରେଣୀ – ନବମ

## ପ୍ରଥମ ଦିନ


Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

ମଣିଷ ପ୍ରତି ସମ୍ବେଦନଶୀଳତା ଓ ଗଭୀର ଆପଣାପଣ ‘ବୁଢା ଶଙ୍ଖାରୀ’ ଗଳ୍ପରେ ବର୍ଣ୍ଣିତ ।

**General Objectives –** (ସାଧାରଣ ଆଭିମୁଖ୍ୟ) – ରକ୍ତର ସଂପର୍କ ନ ଥାଇ ମଧ୍ୟ କିପରି ଅନାବିଳ ବାତ୍ସଲ୍ୟ ପ୍ରେମର ମହାନତା ପ୍ରଦର୍ଶନ କରାଯାଇଛି ତାହା ହିଁ ଉକ୍ତ ଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦିଆଯାଇଛି ।

**Specific Objectives -** ବିଶେଷ ଆଭିମୁଖ୍ୟ : ପଲ୍ଲୀର ଦୃଶ୍ୟ, ବିଭିନ୍ନ ଚରିତ୍ର ମାଧ୍ୟମରେ ଲୋକ ମୁଖର ଭାଷା, ଦେଶୀୟ ଶବ୍ଦ ଏବଂ ଗାଉଁଲୀ ବେଶଭୂଷା । ଚାଳଛପର ଘର ମାଧ୍ୟମରେ ମାଟି ମାଆ ପ୍ରତି ଅନାବିଳ ଆକର୍ଷଣ ଉକ୍ତ ଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅବଗତ ହୋଇପାରିବେ ।

ODM EDUCATIONAL GROUP
Changing your Tomorrow

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



ପିତା- ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ

ମାତା- ରାଧାମଣୀ

ଜନ୍ମ- ୯.ଡିସେମ୍ବର.୧୮୮୮

ମୃତ୍ୟୁ- ୨୪.ଫେବୃଆରୀ.୧୯୫୩

ଜନ୍ମସ୍ଥାନ- ତାଳପଦା, ଚିହିଡି, ଭଦ୍ରକ

ODM EDUCATIONAL GROUP
Changing your Tomorrow

**Expected Learning Outcome**

୧. ରକ୍ତର ସଂପର୍କ ନଥାଇ ମଧ୍ୟ ସଂପର୍କ ଗଠନ ହୋଇପାରେ ।

୨. ସଂପର୍କ ଗଠନ ପାଇଁ ଗରିବ କିମ୍ବା ଧନୀର ଭେଦଭାବ ନଥାଏ ।

୩. ବୋହୂ ସାଆନ୍ତାଣିର ଭଲପାଇବା ଏବଂ ଶ୍ରଦ୍ଧା ଦ୍ୱାରା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବା ।

୪. କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ସାହିତ୍ୟ ସୃଷ୍ଟି ସଂପର୍କରେ ଅବଗତ ହେବା ।

ଗାଣ୍ଡିକ ପରିଚୟ ପ୍ରଦାନ ।

* ଜୀବନୀ ଏବଂ ସାହିତ୍ୟ ସୃଷ୍ଟି । ସାହିତ୍ୟର ଆଭିମୁଖ୍ୟ

* ବନ୍ଦେ ଉତ୍କଳ ଜନନୀ – ଜାତୀୟ ଗୀତିକାର ସ୍ରଷ୍ଟା

ODM EDUCATIONAL GROUP
Changing your Tomorrow

ସ୍ୱାଧୀନତା ପୂର୍ବବର୍ତ୍ତୀ ଗ୍ରାମ୍ୟ ପରିବେଶ ଏବଂ ଜୀବନ ଯାପନ ଶୈଳୀର ଅବତାରଣା

ଉଦୁଉଦିଆ ଖରାବେଳେ ଫଗୁଣ ମାସର ଗାଁ ଦୃଶ୍ୟ ।

ଗାଉଁଲୀ ଭାଷା ଗୁଡିକର ବ୍ୟାଖ୍ୟା ।

ODM EDUCATIONAL GROUP
Changing your Tomorrow

**ଗଳ୍ପର ମର୍ମବାଣୀ-**

ଷାଠିଏ ବର୍ଷର ବୁଢ଼ା ଶଙ୍ଖାରିଟିଏ। ସରି ଆସୁଥିା ଫଗୁଣ ମାସର ଉଦୁଉଦିଆ ଖରାବେଳେ ସେ ଶଙ୍ଖା ଟୋକେଇଟି ମୁଣ୍ଡରେ ଧରି ଗାଁ ଦାଣ୍ଡରେ ଡାକି ଡାକି ଯାଉଥାଏ। ଗୋଡ଼ ଆଣ୍ଠୁଯାକେ ଧୂଳି ଓ ଶରୀର ଝାଳରେ ବୁଡ଼ି ଗୋଡ଼ ପର୍ଯ୍ୟନ୍ତ ବୋହି ଯାଉଛି। ଗାଁ ମୁଣ୍ଡରେ ଥିବା ସାତଶେଣିଆ ଛପର ଘରର ପକ୍କା ପିଣ୍ଡା ଉପରେ ଶଙ୍ଖାବୋଝଟି ରଖି ବସିପଡ଼ିଛି। ଘରର ଦାସୀଠାରୁ ପାଣି ମାଗି ପିଇ କଲ୍ୟାଣ କରିଛି। ଦାସୀ କହିବାନୁଯାୟୀ ବୋହୂ ସାଆନ୍ତାଣୀଙ୍କୁ ଶଙ୍ଖା ଦେଖାଇବା ପାଇଁ ବୋଝଟି ନେଇ ଭିତର ଦୁଆରକୁ ଯାଇଛି। ମୁଖରା ଦାସୀ କଥାରେ ଲାଜ ଛାଡ଼ି ବୋହୂଟି ହସି ହସି ଓଢ଼ଣା ଅଧେ ଟେକିଦେଇ ଟୋକେଇ ପାଖରେ ଆସି ଛିଡ଼ା ହୋଇଛି। ଶଙ୍ଖାରି ବୁଢ଼ାକୁ ଦେଖାଯାଇଛି ବୋହୂଟିର ସୁନ୍ଦର ମୁଖମଣ୍ଡଳ। ଚକି କାଟିଦେଲା ପରି ଗୋଲ ସୁନ୍ଦର ମୁହଁ। ଚମ୍ପାଫୁଲ ପରି ଗୋରାଦେହକୁ ଚାରିଆଙ୍‌ଗୁଳ ଓସାର ନାଲି ତହିଁରି ମୟୂରକଣ୍ଠିରି ଦସ୍ତାଖଣ୍ଡିକ ଗୋଇଠିଯାଏ ଲମ୍ବି ଆହୁରି ସୁନ୍ଦର ଦେଖାଯାଉଛି। ତା’ ଭିତର ଦେଇ ଫୁଟି ଉଠୁଥିବା ଗୋଟିଏ ଚାଉଳରେ ଗଢ଼ା କଞ୍ଚା ସୁନାପରି ଗୋରା ଦେହଟିକୁ ଦେଖି ଶଙ୍ଖାରି ବୁଢ଼ାର ଆଖି ପୂରିଉଠିଛି। ବୁଢ଼ା ଆଖି ଫେରାଇ ନପାରି ଏକ ଧ୍ୟାନରେ ଚାହିଁ ରହିଛି। କିଛି କହିବାକୁ ଇଚ୍ଛା ଥିଲେ ମଧ୍ୟ ତା’ପାଟିରୁ କଥା ବାହାରିନାହିଁ। କିଛି ସମୟ ପରେ ବୁଢ଼ା ପାଟି ଖୋଲି କହିଛି- “ମା’, କି ଶଙ୍ଖା ନେବୁ ନେ।” ‘ମା’ ବୋଲି ......

ODM EDUCATIONAL GROUP
Changing your Tomorrow

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ ଚାରୁ ଭାଷମୟୀ
ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା, ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ର-ତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।
ଘନ ଘନ ବନଭୂମି ରାଜିତ ଅଙ୍ଗେ, ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳକଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।
ସୁନ୍ଦର ଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା, ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।
ସୁନ୍ଦର ମନ୍ଦିରମଣ୍ଡିତ-ଦେଶା,
ଚାରୁ କଳାବଳି-ଶୋଭିତ-ବେଶା, ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।
ଉତ୍କଳ ଶୂରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା, ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।
କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତି ଅନିନ୍ଦ୍ୟା, ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।

ODM EDUCATIONAL GROUP
Changing your Tomorrow




ODM EDUCATIONAL GROUP
Changing your Tomorrow

ପ୍ରାୟ ଫଗୁଣ ମାସ ଶେଷ ସରିକି, ଉଦୁଉଦିଆ ଖରାବେଳେ ବୁଢ଼ାଟିଏ ଗୋଟିଏ ଗାଁ ମଝିରେ ଯାଉଥିଲା । ଷାଠିଏ ବରଷର ବୁଢ଼ା, ଦାନ୍ତଗୁଡ଼ାକ ସବୁ ପଡ଼ିଗଲାଣି; ମୁଣ୍ଡବାଳ ତେଣିକି ଥାଉ ଛାତି ବାଳଗୁଡ଼ାକ ପାଚି ଧୋବଫରଫର ଦିଶୁଛି । ବୁଢ଼ା ମୁଣ୍ଡରେ ଗୋଟିଏ ଟୋକେଇ; ଧୂଳିରେ ଆଣ୍ଠୁଯାକେ ବୁଡ଼ିଛି, ଅଷ୍ଟାଙ୍ଗ ଶରୀର ଝାଳରେ ବୁଡ଼ି ଗୋଡ଼ବାଟେ ବହିଯାଉଛି ।

ଗାଁ ମୁଣ୍ଡରେ ଗୋଟିଏ ଘର । ପକ୍କା ପିଣ୍ଡା, ସାତଶେଣିଆ ଛପର, ଯାଉଁଳି କବାଟ । ବୁଢ଼ା ସେହି

ODM EDUCATIONAL GROUP
Changing your Tomorrow

ପିଣ୍ଡାରେ ବୋଝଟି ଥୋଇଦେଇ ନଥ୍ କରି ବସିପଡ଼ିଲା । କିଛି କ୍ଷଣ ପରେ ସେ ଘରୁ ଗୋଟିଏ ଦାସୀ ବାହାରି ଆସିଲା । ଦାସୀ ବୁଢ଼ାକୁ ଚିହ୍ନେ । ପଚାରିଲା, "କିହୋ ଶଙ୍ଖାରି ପୁଅ, ଶଙ୍ଖା ଆଣିଛ କି !" ବୁଢ଼ା ଉତ୍ତର କଲା 'ହଁ' । ପୁଣି କହିଲା, "ଝିଅ, ଟୋପାଏ ପାଣି ଦିଅନ୍ତୁ, ବୁଢ଼ା ମଣିଷ, ଖରାରେ ତଣ୍ଟି ଶୁଖିଗଲାଣି ।" ଦାସୀ ପାଣି ଆଣିବାକୁ ଚାଲିଗଲା ।

କିଛିକ୍ଷଣ ପରେ ଲୋଟାଏ ପାଣି ଘେନି ଦାସୀ ଫେରିଆସି ବୁଢ଼ା ପାଖରେ ଥୋଇଦେଲା । ବୁଢ଼ା ଉପରକୁ

ODM EDUCATIONAL GROUP
Changing your Tomorrow

ଆଁ କରି ଦେଇ ଢକଢକ କରି ଅଧ ଲୋଟାଏ ପାଣି ଟେକିଦେଲା । ପାଣି ପିଇସାରି ବୁଢ଼ା ଚଉରସ ନିଃଶ୍ୱାସଟାଏ ମୁହଁ ବାଟେ ପକାଇ କହିଲା, "ଝିଅ, ତୋର ବଡ଼ ଧରମ ହେଲା ।" ଦାସୀ କହିଲା, "ହେଉ ହେଲା ତ ହେଲା ପଛକେ, ଚାଲ ବୋହୂସାଆନ୍ତାଣୀ ଡାକୁଛନ୍ତି କିମିତିକା ଶଙ୍ଖା ଅଛି ଦେଖିବେ ।" ବୁଢ଼ା ଟୋକେଇଟି ନେଇ ଉଠିଲା । ସଦର ଦରଜା ପାରି ହେଲେ ଭିତରେ ପକ୍‌କା, ବାହାର ସାମନାରେ ଚଉପାଢ଼ି, ବାଆଁ ପାଖକୁ ଭିତରେ ଆଡ଼ ଦୁଆର । ସେ ଦୁଆର ପାଖରେ ଓଢ଼ଣା

## ଗୃହକର୍ମ :

ଗଳ୍ପଟିକୁ ପଢ଼ିବେ ।

# THANKING YOU

# ODM EDUCATIONAL GROUP